ସମ୍ପାଦକୀୟ

The Samaja

About Us | Feedback | Guestbook | Contact Us

Sunday,21 Aug 2005

Search

ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments

Entertainment

Subscriptions

Advertisements

## ଓଡ଼ିଶା ପ୍ରତି ଚରମ ଅବିଚାର

ଓଡ଼ିଶା ପ୍ରାକୃତିକ ତଥା ମାନବସମ୍ବଳରେ ଭାରତବର୍ଷର କୌଣସି ରାଜ୍ୟଠାରୁ ଊଣା ନୁହେଁ; ବରଂ ଅଧିକ- ଏହା ସମସ୍ତେ ସମସ୍ୱରରେ ସ୍ୱୀକାର କରିବାକୁ ବାଧ୍ୟ । ଓଡ଼ିଶାର ବିଜ୍ଞାନୀମାନେ ପୃଥିବୀର ଯେ କୌଣସି ସ୍ଥାନରେ ଆପଣାର ମେଧା ଓ ନିଷ୍ଠା ବଳରେ ଉଚ୍ଚ ସମ୍ମାନ ପାଉଥିଲେ ମଧ୍ୟ ଓଡ଼ିଶା ଏ ପର୍ଯ୍ୟନ୍ତ କର୍ଣ୍ଣାଟକ ବା ଆନ୍ଧ୍ରପ୍ରଦେଶର ସମକକ୍ଷ ହୋଇପାରିଲା ନାହିଁ । ରାଜଧାନୀ ଭୁବନେଶ୍ୱରଠାରେ ଶହେକୋଟି ଟଙ୍କା ବ୍ୟୟରେ ବାଙ୍ଗାଲୋରର ଜାତୀୟ ବିଜ୍ଞାନ ସଂସ୍ଥାନ ଢାଞ୍ଚାରେ ଏକ ସମ୍ମାନଜନକ ପ୍ରତିଷ୍ଠାନ ଖୋଲାହେବ ବୋଲି ସବୁ ଦିଗରୁ ସମର୍ଥନ ମିଳିଥିଲା ଓ ସରକାର ମଧ୍ୟ ଏ ସଂକ୍ରାନ୍ତ ନିଷ୍ପତ୍ତି ନେଇଥିଲେ । ଦୁଃଖର କଥା କେନ୍ଦ୍ରର ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ସରକାର ଭୁବନେଶ୍ୱରସ୍ଥ ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାକୁ କଲକାତାକୁ ଉଠାଇନେବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶା ପ୍ରତି ଏହା ଚରମ ଅବିଚାର । ପିଲା ନ କାନ୍ଦିଲେ ମା' ଖାଇବାକୁ ଦିଏନାହିଁ ବୋଲି କଥା ଅଛି । ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ଯେଭଳି ସମବେତ ଭାବରେ ଆପଣା ରାଜ୍ୟର ଉନ୍ନତି ପାଇଁ କେନ୍ଦ୍ର ସରକାର ଆଗରେ ଦୃଢ଼ ଭାବରେ ଦାବି କରୁଛନ୍ତି ଯେ କୌଣସି କାରଣରୁ ହେଉନା କାହିଁକି ଓଡ଼ିଶାବାସୀ ଏକତ୍ରିତ ହୋଇ ଦୃଢ଼ ସ୍ୱରରେ ନ୍ୟାଯ୍ୟ ଦାବି ହାସଲ ପାଇଁ ସ୍ୱର ଉତ୍ତୋଳନ କରିପାରୁନାହାନ୍ତି । ଓଡ଼ିଶାର ସ୍ୱାଭିମାନ ତଥା ଦୃଢ଼ ନେତୃତ୍ୱର ଅଭାବ ଯୋଗୁ ଓଡ଼ିଶା ପ୍ରତି କେନ୍ଦ୍ର ଏଭଳି ବୈମାତୃକ ମନୋଭାବ ଦେଖାଇବାକୁ ସାହସ କରୁଛି । ବିଳମ୍ବରେ ଓଡ଼ିଶାର ନେତୃବୃନ୍ଦଙ୍କ ନିଦ ଭାଙ୍ଗିଲା । ସମସ୍ତେ ଦଳମତ ନିର୍ବିଶେଷରେ ଦୃଢ଼ ଭାବରେ ଏହାର ପ୍ରତିବାଦ କରି ନିଷ୍ଠାପର ଭାବରେ ଓଡ଼ିଶା ପାଇଁ ଲଢ଼ିବା ଉଚିତ । ଆନ୍ତରିକତା ଓ ଠିକଣାବେଳେ ଠିକଣା ପଦକ୍ଷେପ ନେବା ଦିଗରେ ତତ୍ପରତାର ଅଭାବ ହେତୁ ଏଭଳି ଘଟୁଛି, ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା ହେବା ଉଚିତ । ଖାଲି 'ଦୁଃଖଦାୟକ', 'ଦୁର୍ଭାଗ୍ୟଜନକ' କହି ବିବୃତି ଦେଇ ଦେଲେ ହେବନାହିଁ । ଓଡ଼ିଶାକୁ ତା'ର ନ୍ୟାଯ୍ୟ ଦାବି ପୂରଣ ପାଇଁ ସମସ୍ୱରରେ କାର୍ଯ୍ୟ ମାଧ୍ୟମରେ କେନ୍ଦ୍ର ସରକାରଙ୍କଠାରୁ ଅଧିକାର ହାସଲ କରିବାକୁ ହେବ । ''ଜୋର ଯା'ର ମୁଲକ ତା'ର'' । କେନ୍ଦ୍ର ସରକାରର ସମର୍ଥକ ସାଜିଥିବା ବାମପନ୍ଥୀଙ୍କୁ ତୁଷ୍ଟ କରିବା ପାଇଁ ଏହାକୁ କଲକାତା ଉଠାଇନେବା ସିଦ୍ଧାନ୍ତ ନେଇଛନ୍ତି । ସରକାର ମନେରଖିବା ଉଚିତ ଯେ ଅସମ ବିକାଶ ହେଲେ ଭାରତୀୟ ଅର୍ଥନୀତି ରୋଗଗ୍ରସ୍ତ ହେବ । ସରକାର ବିରୋଧରେ ଜନଆନ୍ଦୋଳନ ମୁଣ୍ଡ ଟେକିବ । କେନ୍ଦ୍ର ସରକାର ସବୁରାଜ୍ୟ ପ୍ରତି ସମଭାବାପନ୍ନ ହୋଇ ନ୍ୟାୟୋଚିତ ବଣ୍ଟନ କରନ୍ତୁ । ଓଡ଼ିଶାର ମେଧାକୁ ଉପେକ୍ଷା କରିବା ଅକ୍ଷମଣୀୟ ଅପରାଧ । ଓଡ଼ିଶା ସରକାରଙ୍କ ନିଷ୍କ୍ରିୟତା ଏଥିପାଇଁ ଦାୟୀ ନୁହେଁ କି ?





Ph

About Us Contact Us Feedback Guest Book

The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)